**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

ମାଧପୁର,(ମନୋଜ ପ୍ରଧାନ): ଆଠମଲ୍ଲିକ ଥାନା କିଆକଟା ଗ୍ରାମର ବୈଜୟନ୍ତୀ ସାହୁଙ୍କ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ସ୍ୱାମୀ ଆନନ୍ଦ ସାହୁଙ୍କ ସହ ବୈଜୟନ୍ତୀ କିଆକଟା ଥାନା ଗଣ୍ଡମୁଣ୍ଡାକୁ କାମ କରିବାକୁ ଯାଇଥିବା ବେଳେ ସେଠାରୁ ତାଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ସ୍ୱାମୀ ଆନନ୍ଦ ଘଟଣାସ୍ଥଳରୁ ନିଖୋଜ ଅଛନ୍ତି। କିଆକଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ଅରୁଣା ଖିଲାର ପ୍ରକାଶ କରିଛନ୍ତି।

# ମେଡିକାଲ ତଦାରଖ କଲେ କାୟାକଳ୍ପ ଟିମ୍

**ବଇଣ୍ଡା,୨୧।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କାୟାକଳ୍ପ ଟିମ୍ ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଦାରଖ କରିଛନ୍ତି। ଡାକ୍ତର ଆଶିଷ କୁମାର ସାହୁ, ଫାର୍ମାସିଷ୍ଟ ଜୟନ୍ତ କୁମାର ସାହୁ ମେଡିକାଲର ସ୍ୱଚ୍ଛତା ଯାଞ୍ଚ କରିଥିଲେ। କିଭଳି ମେଡିକାଲ ପରିଚାଳନା କରିବେ ଓ ପରିଷ୍କାର ପରିଚ୍ଛନ୍ନତା ରଖିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ମେଡିକାଲର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ରୋଗୀ ସେବା ଯାଞ୍ଚ କରିଥିଲେ। ବିଶେଷକରି ଟିକାକରଣ, ପ୍ରସବ ଗୃହ, ପରୀକ୍ଷା ଗାର, ସଭାଗୃହ ବୁଲିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ରେକର୍ଡ ପତ୍ର ଯାଞ୍ଚ କରିଥିଲେ। ଏଥିରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ବାମଦେବ ପ୍ରଧାନ, ଦୁଷ୍ମନ୍ତ ଦେହୁରୀ, ନାରାୟଣ ଦେହୁରୀ, ମନିଶା ତ୍ରିପାଠୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ମାଣବସା ଲକ୍ଷ୍ମୀ ପୂଜା ପାଳିତ

**ବଇଣ୍ଡା,୨୧।୧୨(ପରିକ୍ଷିତ ସାହୁ)**



କିଶୋରନଗର ବ୍ଲକ ବଇଣ୍ଡା, ଠେଲକନାଳୀ ଗ୍ରାମରେ ଗୁରୁବାର ମାଣବସା ଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ନିକଟସ୍ଥ ପୋଖରୀରୁ କଳସରେ ପାଣି ଆଣିବା ପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠୁଥିବାବେଳେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ପୂଜା ମଣ୍ଡପରେ ଭିଡ଼ ଦେଖିବାକୁ ମିଳିଛି। ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ପୋଲଟ୍ରି ଫାର୍ମ ଜାଗା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ଦାବି

**ଅନୁଗୋଳ, ୨୧।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଫାର୍ମର ସମସ୍ତ ଜାଗା ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବାକୁ ଦାବି ହୋଇଛି। ସେହିପରି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନାମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ଅନୁଗୋଳ ଟାଉନ୍ ମୌଜାର ୪.୯୫ ଏକର ଜାଗା ହସ୍ତାନ୍ତର ନିଷ୍ପତ୍ତିକୁ ତୁରନ୍ତ ଖାରଜ କରିବାକୁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ରଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷଙ୍କୁ ମଧ୍ୟ ଡାକ ଯୋଗେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟ ସଂଲଗ୍ନ ପୋଲଟ୍ରି ଫାର୍ମ ସହରର ମଧ୍ୟସ୍ଥଳ ଏବଂ ଘନ ଜନବସତି ନିକଟରେ ଥିବାରୁ ବାର୍ଡ ଫ୍ଲୁ ଭଳି ସଂକ୍ରାମକ ରୋଗ ସମୟରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଥିବାରୁ ୨୦୦୩ ମସିହାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଉକ୍ତ ଫାର୍ମକୁ ଅନୁଗୋଳ ତହସିଲ ଅନ୍ତର୍ଗତ ନୂଆମୌଜାକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ମସିହାରେ ତତ୍କାଳୀନ ଜିଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ମଧ୍ୟ ଏ ନେଇ ଆନ୍ଦୋଳନ ଓ ଅନଶନ କରାଯାଇଥିଲା। ଫଳରେ ୨୦୧୮ ଏବଂ ୨୦୧୯ରେ ତତ୍କାଳୀନ ଜିଲାପାଳ କୁକୁଡା ଫାର୍ମକୁ ତୁରନ୍ତ ପଞ୍ଚମହଲାକୁ ଉଠାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଓ ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଅନୁଗୋଳ ଟାଉନ୍ ମୌଜାରେ ଥିବା ୪.୯୫ ଏକର ଜାଗା ପାଇଁ ତହସିଲଦାରଙ୍କ ନିକଟରେ ଦରଖାସ୍ତ କରିଛନ୍ତି। ଜିଲା ପ୍ରଶାସନ ଏହାକୁ ଅନୁମୋଦନ ମଧ୍ୟ ଦେଇଛନ୍ତି। ହେଲେ ଏହା ରାଜ୍ୟ ସରକାର ଓ ପୂର୍ବ ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି। ତେଣୁ ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ସମସ୍ତ ଜାଗା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା ଏବଂ ଅନୁଗୋଳ ଟାଉନ୍ ମୌଜାର ୪.୯୫ ଏକର ଜାଗାକୁ ତୁରନ୍ତ ଖାରଜ କରିବା ପାଇଁ ଦାବି କରାଯାଇଛି। ଦାବି ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ରମେଶ ଚନ୍ଦ୍ର ସାହୁ, ନିରୋଦ ଚନ୍ଦ୍ର ପାଳ, ତୀର୍ଥବାସୀ ଭୋଇ, ମାନସ ପାଳ, ପଠାଣୀ ବାରିହା, ତ୍ରିଲୋଚନ ଜେନା, ରଜତରଞ୍ଜନ ଦାସ, ଗୋପାଳ ନାଥ ପ୍ରମୁଖ ଚେତାବନୀ ଦେଇଛନ୍ତି।



# ଦ୍ରିଷ୍ଟି ଦେବ୍ୟାନି ନୂପୁର -୨ ଉପବିଜେତା

**ତାଳଚେର,୨୧।୧୨ (ମନୋଜ ନନ୍ଦ)**

ତାଳଚେର ବ୍ଲକ ଡଅଁରା ଗ୍ରାମର ଶିଶୁ କଳାକାର ଦ୍ରିଷ୍ଟି ଦେବ୍ୟାନି ଦେହୁରୀ ପ୍ରାର୍ଥନା ଚ୍ୟାନେଲରେ ପ୍ରସାରିତ ନୃତ୍ୟଭିତ୍ତିକ ରିୟଲିଟି ଶୋ' ନୂପୁର ଜୁନିୟର ସିଜିନ-୨ର ଉପବିଜେତା ହୋଇଛନ୍ତି। ଏହି ଅବସରରେ ବିଚାରକ ଭାବେ ଉପସ୍ଥିତ ବିଶିଷ୍ଟ ନୃତ୍ୟଗୁରୁ ଡ.ଜ୍ୟୋସ୍ନାରାଣୀ ସାହୁ, ଡ.ଶ୍ରୀନିବାସ ଘଟୁଆରୀ ଓ ସସ୍ମିତା ପଣ୍ଡା ଦ୍ରିଷ୍ଟିଙ୍କ ବିଚକ୍ଷଣ ନୃତ୍ୟ ପ୍ରତିଭା ଦେଖି ଭୂୟସୀ ପ୍ରଶଂସା କରିଥିଲେ। ଦ୍ରିଷ୍ଟିଙ୍କ ଏଭଳି ସଫଳତା ତାଳଚେର ପାଇଁ ଗୌରବ ଆଣି ଦେଇଥିବା ବେଳେ ବହୁ ଅନୁଷ୍ଠାନ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଦିବ୍ୟାଙ୍ଗ ଦ୍ରିଷ୍ଟି ଓଡ଼ିଶୀ ନୃତ୍ୟ ପରିବେଷଣ କରିବାରେ ରୁଚି ରଖନ୍ତି। ଦ୍ରିଷ୍ଟିଙ୍କ ପିତା ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିରେ ଜଣେ ଫୋରମ୍ୟାନ ଇନଚାର୍ଜ ଭାବରେ କାର୍ଯ୍ୟ କରୁଥିବା ବେଳେ ମା' ପ୍ରିୟଦର୍ଶନୀ ପରିଡା ଗୃହିଣୀ। ଦ୍ରିଷ୍ଟି କଳିଙ୍ଗ ଡିଏଭି ପବ୍ଲିକ ସ୍କୁଲର ନବମ ଶ୍ରେଣୀରେ ପଢୁଛନ୍ତି। ଭବିଷ୍ୟତରେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହୋଇ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରିବାକୁ ଆଗ୍ରହୀ ବୋଲି ଦ୍ରିଷ୍ଟି କହିଛନ୍ତି।



ଶିଶୁ କଳାକାର ଦ୍ରିଷ୍ଟି ଦେବ୍ୟାନି ଦେହୁରୀଙ୍କୁ ପୁରସ୍କୃତ କରାଯାଉଛି।

# ଧାରଣାସ୍ଥଳରେ ମାଣବସା ଗୁରୁବାର ପାଳିଲେ



ତାଳଚେର ହିଙ୍ଗୁଳା କୋଇଲା ଖଣି ଟାଇମ୍ ଅଫିସ ସମ୍ମୁଖରେ ଧାରଣାରତ ଗୋପାଳପ୍ରସାଦ ଗ୍ରାମର ମହିଳାମାନେ ମାଣବସା ଗୁରୁବାର ପାଳନ କରୁଛନ୍ତି।

**ତାଳଚେର,୨୧।୧୨(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ହିଙ୍ଗୁଳା କୋଇଲା ଖଣି ଟାଇମ୍ ଅଫିସ ସମ୍ମୁଖରେ କ୍ଷତିଗ୍ରସ୍ତ ଗୋପାଳପ୍ରସାଦ ଗ୍ରାମବାସୀ ଗୁରୁବାର ଧାରଣା ଦେଇଥିବା ବେଳେ ମହିଳାମାନେ ସେଠାରେ ମାଣବସା ଓଷା ପାଳନ କରିଛନ୍ତି। ଧାରଣାସ୍ଥଳରେ ମହଳାମାନେ ଝୋଟି ପକାଇବା ସହ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ଏହି ଆନ୍ଦୋଳନ ଯୋଗୁ ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ରହିଛି।

ସୂଚନା ଅନୁଯାୟୀ, ଗୋପାଳପ୍ରସାଦ ଗାଁର ଜମି ଓ ଘରବାଡ଼ି ତୃତୀୟ ପର୍ଯ୍ୟାୟରେ ଏମ୍‌ସିଏଲ୍ ଅଧିଗ୍ରହଣ କରିବାକୁ ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ତାଳଚେର ସୁରକ୍ଷାମଞ୍ଚ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଗ୍ରାମରେ ବସବାସ କରୁଥିବା ମୂଳ ପଟାଦାରଙ୍କୁ ଅଣଦେଖା କରି ବିକ୍ରି ହୋଇଥିବା ଜମି ମାଲିକଙ୍କୁ ଅଗ୍ରାଧିକାର ଦେଇ ଏମସିଏଲ ସମସ୍ତ ଅର୍ଥ ଯୋଗାଇ ଦେଇଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବରୁ ମୋଟ ୭୫୫ ଘରବାଡିକୁ ଏମ୍‌ସିଏଲ୍ ଚିହ୍ନଟ କରିଥିବା ବେଳେ ମୋଟ ୩୧୨ ଜଣଙ୍କୁ ଚୟନ କରିଛି। ବାକି ୪୪୩ ଜଣ ମୂଳ ପଟାଦାରଙ୍କୁ ଛାଡି ଦେଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦାବିପୂରଣ ପର୍ଯ୍ୟନ୍ତ ଖଣି ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ନୂତନ ଆଇଆଇସିଙ୍କ ଯୋଗଦାନ

**ବଇଣ୍ଡା,୨୧।୧୨(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନାରେ ନୂତନ ଆଇଆଇସି ଭାବେ ବିଭୂତି ପ୍ରଧାନ ମଙ୍ଗଳବାର ଯୋଗଦେଇଛନ୍ତି। ଏଠାରେ ପୂର୍ବରୁ ଥିବା ଆଇଆଇସି ସଙ୍ଗିତା ମହାପାତ୍ରଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। କିଶୋରନଗରବାସୀ କିପରି ଉଚିତ୍ ସେବା ପାଇବେ ସେ ଉପରେ ଗୁରୁତ୍ୱ ଦିଆଯିବା ସହ ପୋଲିସ ଓ ଜନତାଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ରହିବ ସେଥିପ୍ରତି ପୋଲିସ ଅଧିକ ଧ୍ୟାନ ଦେବ ବୋଲି ନୂତନ ଆଇଆଇସି ପ୍ରକାଶ କରିଛନ୍ତି।



# ଖାଦ୍ୟ ସୁରକ୍ଷା, ବିତରଣର ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ରାଜ୍ୟ ଖାଦ୍ୟ ଆୟୁକ୍ତଙ୍କ ସହ ଅଧିକାରୀମାନେ।

**ତାଳଚେର,୨୧।୧୨(ମନୋଜ ନନ୍ଦ)**

ରାଜ୍ୟ ଖାଦ୍ୟ ଆୟୁକ୍ତ ଅବନୀକାନ୍ତ ସାହୁ ୨ ଦିନିଆ ତାଳଚେର ଗସ୍ତରେ ଆସି ଗୁରୁବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ବୈଠକରେ ଯୋଗଦେଇ ଖାଦ୍ୟ ସୁରକ୍ଷା ଯୋଜନା ଓ ବିତରଣ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପାରିପାର୍ଶ୍ୱିକ ଉନ୍ନୟନ ଯୋଜନା ମାଧ୍ୟମରେ ତାଳଚେର ଅଞ୍ଚଳର କର୍ମଜୀବୀ ମହିଳାମାନଙ୍କ ଖାଦ୍ୟ ସୁରକ୍ଷା ଓ କର୍ମକ୍ଷେତ୍ରକୁ ଯିବାବେଳେ ସେମାନଙ୍କ ଶିଶୁଙ୍କ ସୁରକ୍ଷା, ଲାଳନ ପାଳନ ନିମନ୍ତେ କ୍ରେଚ ସବୁ ଅଞ୍ଚଳରେ ଖୋଲିବା, ନିୟମିତ ପରିଚାଳନା ନିମନ୍ତେ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ଶସ୍ୟ ବଣ୍ଟନସ୍ଥଳୀ ଗୁଡିକରେ ପକ୍କାଘର ଯୋଗାଇଦେବା, ପ୍ରତ୍ୟେକ ୱାର୍ଡରେ ଥିବା ବଣ୍ଟନସ୍ଥଳୀ ଗୁଡିକରେ ସୂଚନା ଫଳକ ଲଗାଇ ସେଥିରେ ଉପଭୋକ୍ତାଙ୍କ ନାମ ତାଲିକା, ଉପଖଣ୍ଡ ଯୋଗାଣ ଅଧିକାରୀ ଓ ଜିଲା ଯୋଗାଣ ଅଧିକାରୀଙ୍କ ମୋବାଇଲ ନମ୍ବର ଆଦି ପ୍ରଦାନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅଙ୍ଗନୱାଡିଗୁଡିକର ନୂଆ ପକ୍କାଘର ତିଆରି, ପୁରୁଣା ଘରର ମରାମତି, ପିଇବା ପାଣି ଓ ଆଲୋକ ବ୍ୟବସ୍ଥା, ନିଉଟ୍ରି ଗାର୍ଡେନ, ଓ କିଚେନ ଗାର୍ଡେନ ଆଦି ପ୍ରସ୍ତୁତ କରିବାକୁ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଚଳର ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତିନିଚକିଆ ଯାନ ଯୋଗାଇ ଦେବା, କୃଷି ଓ କୃଷକର ବିକାଶ ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଛେଳି ଚାଷ, କୁକୁଡ଼ା ଚାଷ ଅତ୍ୟାଦି ପ୍ରୋତ୍ସାହନ ଯୋଗାଇ ଦେବାକୁ ବୈଠକରେ ଉପସ୍ଥିତ ଏନ୍‌ଟିପିସି ଓ ଏମ୍‌ସିଏଲ୍‌ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଆୟୁକ୍ତ ସଭ୍ୟ ଦୟାନିଧି ଦାସ, ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର କୁମାର ଷଡ଼ଙ୍ଗୀ, ବିଡିଓ ଚିନ୍ମୟୀ ଚେତନା ଦାସ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ସହକାରୀ ଯୋଗାଣ ଅଧିକାରୀ ଶୁଚି ରାଉତଙ୍କ ସମେତ ଉପଖଣ୍ଡ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ପ୍ରଶାସନ ଦ୍ୱାରସ୍ଥ ହେଲେ ଖେଳାଳି



**ଅନୁଗୋଳ, ୨୧।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ କବାଡ଼ି ପ୍ରତିଯୋଗିତାରେ ସ୍ଥାନୀୟ ପ୍ରଶାସନର ଅବାନ୍ତର ହସ୍ତକ୍ଷେପକୁ ନେଇ ଗୁରୁବାର ଖେଳାଳି ଓ କୋଚ୍ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପ୍ରତିଯୋଗିତା କରାଯିବ ବୋଲି ସ୍ଥିର ହୋଇଛି। ସୂଚନାଯୋଗ୍ୟ, ବଅଁରପାଳ ବ୍ଲକରେ ପଞ୍ଚାୟତ ସ୍ତରରେ ନୂଆ-ଓ କାର୍ଯ୍ୟକ୍ରମରେ ପୁରୁଷ ବିଭାଗରେ କବାଡ଼ି ପ୍ରତିଯୋଗିତା ପିବିକେ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେଉଛି। ବ୍ଲକର ୮ଟି ପଞ୍ଚାୟତ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ୪ଟି ଦଳ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। କିନ୍ତୁ ଏହି ସେମିଫାଇନାଲ ମ୍ୟାଚ ପୂର୍ବରୁ ଖେଳ ସୂଚୀରେ ପରିବର୍ତ୍ତନ କରାଯାଇଥିଲା। ଏହାକୁ ନେଇ ଖେଳାଳିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲା ପ୍ରଶାସନ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଖେଳାଳିମାନେ ଆଶ୍ୱସ୍ତ ହୋଇଥିଲେ।

# ହାତୀ ଉପଦ୍ରବ: ବ୍ୟାପକ ଫସଲ ନଷ୍ଟ

**ବଇଣ୍ଡା,୨୧।୧୨(ପରିକ୍ଷିତ ସାହୁ)**



କିଶୋରନଗର ବ୍ଲକ ବାମୁର ରେଞ୍ଜ ଅଧୀନ କସ୍ତୁରୀବାହାଳ ଗ୍ରାମରେ ବୁଧବାରଠାରୁ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ନିକଟସ୍ଥ ଜଙ୍ଗଲରୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏବେ ପାଚିଲା ଧାନ ଅମଳ ହେଉଥିବାବେଳେ ହାତୀପଲ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ଗ୍ରାମର ନିରଞ୍ଜନ ମେହେର, ଉମାଶଙ୍କର ଦାସ, ଦୁର୍ଯ୍ୟୋଧନ ରଣା, ନିତ୍ୟାନନ୍ଦ ରଣା, ବୃନ୍ଦାବନ ଦାସଙ୍କ ୧୦ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ନିକଟସ୍ଥ ଜଙ୍ଗଲରେ ଥିବା ୧୫ଟି ହାତୀ ଗ୍ରାମକୁ ଆସି ଏପରି କ୍ଷୟକ୍ଷତି ଘଟାଉଛନ୍ତି। ଏ ସମ୍ପର୍କରେ ବାମୁର ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଘଉଡ଼ା ଯାଉନାହିଁ। ଲୋକେ ରାତି ଉଜାଗର ହୋଇ ବାଣ ଫୁଟାଇ ଘଉଡ଼ାଉବାକୁ ଚେଷ୍ଟା କରୁଥିଲେ ବି ହାତୀପଲ ପୁଣି ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ତୁରନ୍ତ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବାମୁର ରେଞ୍ଜର ସରୋଜ ମିଶ୍ର କହିଛନ୍ତି, ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନିଆଯାଉଛି।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ODISHA REAL ESTATE REGULATORY AUTHORITY
ORERA
Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0010/2324

**ନିଆଁରେ ପୋଡ଼ିଯାଇ ମହିଳା ଗୁରୁତର**

କାମାକ୍ଷାନଗର,(ସୁଧୀର ପରିଡ଼ା): କଙ୍କଡାହାଡ ଥାନା ଚାଉଲିଆଝରଣ ଗ୍ରାମର ଗୌରୀ ସୋରେନ (୨୧) ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି। ଗୁରୁବାର ଭୋର ସମୟରେ ଗୌରୀ ଶୀତରୁ ରକ୍ଷା ପାଇବା ପାଇଁ ଘର ସମ୍ମୁଖରେ ନିଆଁ ପୋଇଁ ହେଉଥିଲେ। ଅସାବଧାନତା ଯୋଗୁ ତାଙ୍କ ଲୁଗାରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ପୌରସଂସ୍ଥା ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ଦାବି

**ଭିଜିଲାନ୍ସରେ ଏତଲା ଦେଲେ ପୂର୍ବତନ ନଗରପାଳ**

ଢେଙ୍କାନାଳ,୨୧।୧୨(ରତନ ନାୟାର)



ଢେଙ୍କାନାଳ ପୌରସଂସ୍ଥାରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବତନ ନଗରପାଳ ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ର ଗତ ୧୩ ତାରିଖରେ ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏହାର ନକଲ ଏସ୍‌ପି ଭିଜିଲାନ୍ସ କଟକ, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଓଡ଼ିଶାଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗରେ ପୂର୍ବତନ ନଗରପାଳ ଦର୍ଶାଇଛନ୍ତି, ୨୦୧୮ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଢେଙ୍କାନାଳ ପୌରସଂସ୍ଥାରେ କାଉନସିଲ ନ ଥିବା ସମୟରେ ଏବଂ ବିଶେଷକରି କୋଭିଡ ସମୟରେ ବ୍ୟାପକ ଦୁର୍ନୀତି, ଅନିୟମିତତା ଓ ଅର୍ଥ ଆତ୍ମସାତ ହୋଇଛି। ୨୦୨୨ରେ ପୌରସଂସ୍ଥାରେ ନୂତନ କାଉନସିଲ ଗଠନ ହେବାପରେ ମଧ୍ୟ ପୌରସଂସ୍ଥାରେ ଅନିୟମିତତା ଓ ଦୁର୍ନୀତି ବୃଦ୍ଧି ପାଇଛି। ପୌରସଂସ୍ଥା ପକ୍ଷରୁ ଢେଙ୍କାନାଳ ସହରରେ ବିଭିନ୍ନ ଅଞ୍ଚଳରେ ଲାଇଟ୍ ଲଗାଇ ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଟେଣ୍ଡର ପରିବର୍ତ୍ତେ ଏକ୍ସପ୍ରେସନ ଇଣ୍ଟେରେଷ୍ଟ ମାଧ୍ୟମରେ ଇଚ୍ଛୁକ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକଙ୍କ ଠାରୁ ଯେଉଁଭଳି ଚଞ୍ଚକତା କରି କୋଟେଶନ ଆହ୍ୱାନ କରାଯାଇ ଏକ ନିର୍ଦ୍ଦିଷ୍ଟ ବ୍ୟବସାୟିକ ସଂସ୍ଥାର କୋଟେଶନକୁ ବ୍ୟବହାର କରି ଲାଇଟ୍ କିଣାଯାଇଛି, ସେଥିରେ ଦୁର୍ନୀତି ହୋଇଥିବା ପରିଷ୍କାର ଭାବେ ଜଣାପଡୁଛି। ଏହି ଲାଇଟଗୁଡିକ ଅତି ନିମ୍ନମାନରର। ଏହା ପ୍ରକୃତ ମୂଲ୍ୟଠାରୁ ଅଧିକ ମୂଲ୍ୟ ଦେଖାଇ କିଣାଯାଇ ଅର୍ଥ ଆତ୍ମସାତ ହୋଇଥିବା ଜଣାପଡିଛି। ଏପରିକି କିଭଳି ଲାଇଟ୍ ଲଗାଯିବ ସେ ସମ୍ପର୍କରେ କୌଣସି ସ୍ୱଷ୍ଟ ନ ଥିବା ବେଳେ ମନଇଚ୍ଛା ସୌନ୍ଦର୍ଯ୍ୟକରଣ ନାମରେ ଲାଇଟ୍ ଲଗାଯିବା କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ୨୦୧୭ ମସିହାରେ ରାସ୍ତାକଡ ଉଠା ବେପାରୀଙ୍କ ଠାରୁ ଫେରି ମହାସୁଲ ଆଦାୟ ନିମନ୍ତେ ଟେଣ୍ଡର ହୋଇ ୧୧ଲକ୍ଷ ୩୧ହଜାର ଟଙ୍କାରେ ନିଲାମ ହୋଇଥିବା ବେଳେ ୨୦୨୨ ମସିହାରେ କାହା ସ୍ୱାର୍ଥରେ ଏହାର ନିଲାମ ମାତ୍ର ୯ଲକ୍ଷ ୬୧ହଜାର ଟଙ୍କାରେ ହେଲା ତାହା ତଦନ୍ତ ସାପେକ୍ଷ। ଟେଣ୍ଡର ପ୍ରକ୍ରିୟାରେ କେବଳ ଗୋଟିଏ ପରିବାରର ସଦସ୍ୟମାନେ ନିଲାମ ନେବାକୁ ସକ୍ଷମ ହୋଇଥିଲେ, ଯାହାକି ଆଇନ ସମ୍ମତ ନୁହେଁ। ତେଣୁ ଏଥିରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ଆସିବା ପରେ ଏହି ନିଲାମକୁ ବହୁଦିନ ପରେ ରଦ୍ଦ କରାଯାଇଥିଲା। ଏଥିପାଇଁ ପୌରସଂସ୍ଥାର ଆର୍ଥିକ କ୍ଷତି ମଧ୍ୟ ହୋଇଥିଲା। ତେଣୁ ଏହି ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରି ଏହାର ତଦନ୍ତ କରିବା ସହିତ ଦୁର୍ନୀତିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ନଗରପାଳ ଦାବି କରିଛନ୍ତି।

## ମୁନଲାଇଟ୍ କ୍ରିକେଟ, ହରପାର୍ବତୀ ବିଜୟୀ

ଢେଙ୍କାନାଳ,୨୧।୧୨ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ପଞ୍ଚାୟତ ଟଭାପାଳ ଖେଳପଡିଆଠାରେ ୨୫ତମ ରୌପ୍ୟଜୟନ୍ତୀ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତଥା ଚାଉଳିଆ ହାଇସ୍କୁଲ ପ୍ରତିଷ୍ଠାତା ବିମ୍ବାଧର ରାଉତ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସମିତି ସଭ୍ୟ ନକୁଳ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଇଲେଭେନ ବ୍ରଦର୍ସ ଚାଉଳିଆ ଓ ହରପାର୍ବତୀ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହରପାବର୍ରତୀ ଦଳ ବିଜୟୀ ହୋଇଥିଲା। ପ୍ରକାଶ କୁମାର ସାହୁ ଓ ହାଜାଙ୍ଗିର ମହମ୍ମଦ ଖେଳ ପରିଚାଳନା କରିଥିଲେ। କ୍ଲବର ଜୟ କୁମାର ମହାଳିକ, ପରମାନନ୍ଦ ବେହେରା, ଅଭିମନ୍ୟୁ ଦାସ, ହାସିକ ମହମ୍ମଦ, ଇମ୍ରାନ ମହମ୍ମଦ, ଶ୍ରୀବତ୍ସ ଦାସ, ରତିକାନ୍ତ ବେହେରା, ହାଡିବନ୍ଧୁ ସାହୁ ସହଯୋଗ କରିଥିଲେ।

## କଳିଙ୍ଗ ସୂତାକଳ, ମ୍ୟାଙ୍ଗୋ ହବ୍ ପୁନରୁଦ୍ଧାର କରାଯାଉ

**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକ**

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲାର ମହିମାପୀଠ ଯୋରନ୍ଦାର ଉନ୍ନତୀକରଣ ପାଇଁ ୧୧୨ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋରନ୍ଦା ଆସୁଥିବା ବେଳେ ଏହା ପୂର୍ବରୁ ପୂର୍ବତନ ବିଧାୟକ ନବୀନ ନନ୍ଦ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା କଳିଙ୍ଗ ସୂତାକଳ ଓ ମ୍ୟାଙ୍ଗୋହବ୍‌ର ପୁନଃରୁଦ୍ଧାର ପାଇଁ ସୋସିଆଲ ମିଡିଆ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆମ୍ବ ଚାଷୀଙ୍କ ସୁବିଧା ପାଇଁ ସଦର ବ୍ଲକ ଗୋବିନ୍ଦପୁର ଠାରେ ୨୦୧୩ ମସିହାରେ ୫ ଏକରରେ ପ୍ରତିଷ୍ଠିତ ମ୍ୟାଙ୍ଗୋ ହବ୍ ପରିଚାଳନାଗତ ତ୍ରୁଟି ଯୋଗୁ ଭୂତ କୋଠିରେ ପରିଣତ ହୋଇଛି। କିଛିଦିନ ତଳେ ମୁଖ୍ୟ ଶାସନ ସଚିବ ଏହାର ପୁନରୁଦ୍ଧାର କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ତାହା ହୋଇପାରିନାହିଁ। ସେହିପରି ସଦର ବ୍ଲକର ଗୋବିନ୍ଦପୁରଠାରେ ପ୍ରାୟ ୬୦ ଏକରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମୟରେ ପ୍ରତିଷ୍ଠିତ କୃଷିଭିତ୍ତିକ ଶିଳ୍ପ କଳିଙ୍ଗ ସୂତାକଳ ମଧ୍ୟ ୧୯୯୯ ମସିହା ମହାବାତ୍ୟାରେ ନଷ୍ଟ ହେବାପରେ ବନ୍ଦ ହୋଇପଡ଼ିଛି। ଏଥିରେ ୫ଟି ପଞ୍ଚାୟତର ୧୨୦୦ରୁ ଅଧିକ ଲୋକ କର୍ମସଂସ୍ଥାନ ପାଇଥିଲେ। ୨୦୦୩ ମସିହାରେ ଏହି ଶିଳ୍ପର ପୁନରୁଦ୍ଧାର ପାଇଁ ୧କୋଟି ୨୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ୨୦୦୫ ମସିହାରେ ସରକାର ଏହାକୁ ଫେରାଇ ନେଇଥିଲେ। ଏହି କୃଷିଭିତ୍ତିକ ଶିଳ୍ପର ପୁନରୁଦ୍ଧାର କରାଗଲେ ବହୁ ଯୁବକ ନିଯୁକ୍ତି ପାଇପାରିବେ ବୋଲି ପୂର୍ବତନ ବିଧାୟକ ଦର୍ଶାଇଛନ୍ତି। ସେହିପରି ଗଜମରା ଏବଂ ଗଁଦିଆ ବ୍ଲକ ନେଉଳପୋଇ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରାଯିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ୩୦୦ ଶଯ୍ୟା ବିଶିଷ୍ଟ ହେବ ବୋଲି ଘୋଷଣା କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୪ ଡାକ୍ତର ପଦବୀ ଖାଲି ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ଢେଙ୍କାନାଳର ସ୍ୱର୍ଣ୍ଣତ୍ରିଭୁଜ କୁହାଯାଉଥିବା ଯୋରନ୍ଦା ପାଇଁ ୧୧୨କୋଟି ଟଙ୍କା ଘୋଷଣା କରାଯାଇଥିବା ବେଳେ କପିଳାସ ଓ ସପ୍ତଶଯ୍ୟା ପାଇଁ ସତନ୍ତ୍ର ପ୍ୟାକେଜ୍ ଘୋଷାଣ କରିବା ପାଇଁ ଦାବି ହୋଇଛି। ସେହିପରି ସ୍ଥାନୀୟ ଜନ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇ ଏହାକୁ ଭୁଲି ଯାଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଏହିସବୁ ସମସ୍ୟା ଗୁଡିକର ସମାଧାନ ପାଇଁ ସହୃଦୟର ସହ ବିଚାର କରିବା ପାଇଁ ପୂର୍ବତନ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## 'ଆଧ୍ୟାତ୍ମିକ ଚେତନାର ସ୍ୱର' ଲୋକାର୍ପିତ

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ସହର କଲ୍ୟାଣ ମଣ୍ଡପଠାରେ ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ କବି ଶିବପ୍ରସାଦ ଶତପଥୀଙ୍କ ରଚିତ ପୁସ୍ତକ 'ଆଧ୍ୟାତ୍ମିକ ଚେତନାର ସ୍ୱର' ଗୁରୁବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ନୃସିଂହ ପ୍ରସାଦ ତ୍ରିପାଠୀ ଏହାକୁ ଲାକୋର୍ପିତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଅଟଳ ବିହାରୀ ଦାସ ପୁସ୍ତକକୁ ସମୀକ୍ଷା କରି ଏହା ଏକ ଯୁଗଧର୍ମୀ ସାହିତ୍ୟକୃତୀ ବୋଲି କହିଥିଲେ। ପ୍ରାରମ୍ଭରେ ପଣ୍ଡିତ ଶିବ ପ୍ରସାଦ ଶତପଥୀ ସ୍ୱରଚିତ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷକ ଶରତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଭୁବନେଶ୍ୱରର ମାଷ୍ଟର ମାଇଣ୍ଡ ପରିଚାଳକ ପୂର୍ଣ୍ଣଚନ୍ଦ୍ର ଦେହୁରୀ ପୁସ୍ତକଟିକୁ ପ୍ରକାଶିତ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଆଧ୍ୟାତ୍ମିକ ଚେତନାର ସ୍ୱର' ଲୋକାର୍ପଣ କରାଯାଉଛି।

## ଛାତ୍ରୀମାନଙ୍କୁ ଉତ୍ସାହିତ କଲେ ଦୂତୀ




ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୮ ତାରିଖରୁ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଦୌଡ଼ରାଣୀ ଦୂତୀ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଜୀବନରେ ସଫଳତା କିପରି ପାଇହୁଏ ସେ ନେଇ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଯୋଗଦେଇ ଛାତ୍ରୀମାନଙ୍କ ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାଉନ୍‌ସିଲର ସନ୍ଦୀପ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲଙ୍କ ଅଧ୍ୟକ୍ଷତାରେ ନୋଡାଲ୍ ଅଫିସର୍ ଅଧ୍ୟାପିକା ଲୀନା ଗନ୍ତାୟତ, ସ୍ପୋର୍ଟସ୍ କୋଅର୍ଡିନେଟର ଅଧ୍ୟାପକ ପଙ୍କଜ ବାରିକ୍, ଅଧ୍ୟାପିକା ଡ. ସାଗରିକା ପଣ୍ଡା, ଅଧ୍ୟାପିକା ପ୍ରଜ୍ଞା ପାରମିତା ମାଝି, ଅଧ୍ୟାପକ ଉଦ୍ଧବ ମଲ୍ଲିକ, ଅଧ୍ୟାପକ ଡ. ଜିତେନ୍ଦ୍ର କୁମାର ବେହେରା, ଲାଇବ୍ରେରିଆନ୍ ସୂର୍ଯ୍ୟକାନ୍ତ ଜେନା ପରିଚାଳନା କରିଥିଲେ। ସ୍ୱପ୍ନେଶ୍ୱର ନାୟକ ଏବଂ ମନ୍ଦରଧର ସାମଲ ଖେଳ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗେଙ୍ଗୁଟିଆ ପଞ୍ଚାୟତରେ ନୂତନ ଭତ୍ତାଧାରୀଙ୍କୁ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗୁରୁବାର ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଡିଓ ଆୟୁଷୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ବେହେରା, ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ରହିଥିଲେ। ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ୬୯ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଗେଙ୍ଗୁଟିଆ ପିଇଓ ହେମଲତା ନାଏକ, ନାଏବ ସରପଞ୍ଚ ସବିତା ମଲ୍ଲିକ ଓ ସାମାଜିକ କର୍ମୀ ପ୍ରଦୀପ କୁମାର ମଲ୍ଲିକ ସଭା କାର୍ଯ୍ୟ ପରିଚାଳନା କରିଥିଲେ।




ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ଭତ୍ତା ବଣ୍ଟନ କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବିମାନରେ ଆସି ...

(ପ୍ରଥମ ପୃଷ୍ଠାରୁ...)

ଗିରଫ କରିଛି। ଏସ୍‌ପି ଖିଲାରୀ କହିଛନ୍ତି ଯେ ଗତ ୧୬ତାରିଖ ବିଳମ୍ବିତ ରାତିରେ ପାଟଣାଗଡ଼ ଥାନା ସରମୁହାଣ ଗାଁର ଏକ ଏଟିଏମ୍ ଲୁଟ୍ ହୋଇଥିଲା। ଏ ସଂକ୍ରାନ୍ତରେ ସିଏମ୍‌ଏସ୍ କମ୍ପାନୀର ଜଣେ କର୍ମଚାରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ୧୬ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସରମୁହାଣ ଏଟିଏମ୍‌ରେ ତାଙ୍କ କମ୍ପାନୀ ୭ ଲକ୍ଷ ୬୪ହଜାର ଟଙ୍କା ଭର୍ତ୍ତି କରିଥିଲା। ହେଲେ ଉକ୍ତ ଏଟିଏମ୍‌ରୁ ସେଇ ରାତିରେ ସବୁତକ ଟଙ୍କା ଲୁଟ୍ ହୋଇଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ ଏକ ମାମଲା (୩୧୯/୨୩) ରୁଜୁ ହୋଇଥିଲା। ଉତ୍ତରାଞ୍ଚଳ ଆଇଜି ଏବଂ ବଲାଙ୍ଗୀର ଏସ୍‌ପି ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସିସି ଟିଭି ଫୁଟେଜ ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ପୋଲିସ ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା।

ରାଜସ୍ଥାନର ଉପରୋକ୍ତ ୬ଲୁଟେରାଙ୍କ ମଧ୍ୟରୁ ୩ଅଭିଯୁକ୍ତ ସଦ୍ଦାମ, ବବ୍ଲଲ ଏବଂ ରାହୁଲ ଖାନ୍ କ୍ରେଟା କାର୍‌ରେ ନିଜ ଗାଁରୁ ଓଡ଼ିଶା ଅଭିମୁଖେ ଆସି ବଲାଙ୍ଗୀର ଜିଲାର ପାଟଣାଗଡ଼, ସରମୁହାଣ, ବଙ୍ଗୋମୁଣ୍ଡା ଏବଂ ସମ୍ବଲପୁର ଜିଲା ଧମା ଅଞ୍ଚଳରେ ଯୋଜନା କରିଥିଲେ। ଅନ୍ୟ ତିନି ଅଭିଯୁକ୍ତ ଅବିଦ୍, ଏହଶାନ୍ ଓ ମୁସ୍ତକିମ୍ ଦିଲ୍ଲୀରୁ ବିମାନରେ ଝାରସୁଗୁଡା ଆସି ବଲାଙ୍ଗୀର ସରମୁହାଣଠାରେ ଅନ୍ୟ ତିନି ଲୁଟେରାଙ୍କ ସହ ଏକାଠି ହୋଇ ଏଟିଏମ୍ ଲୁଟ୍ ଯୋଜନା କରିଥିଲେ। ସ୍ଥାନୀୟ ଏକ ଗ୍ୟାରେଜ୍‌ରୁ ଏକ ଗ୍ୟାସ୍ ସିଲିଣ୍ଡର ଏବଂ କଟର ଯୋଗାଡ କରିଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ଏଟିଏମ୍ ଭିତରକୁ ତିନିଜଣ ପଶି ପ୍ରଥମେ ଏଟିଏମ୍ ମେଶିନର କ୍ୟାମେରାରେ ଗ୍ୟାସ୍ ସ୍ପ୍ରେ କରିଥିଲେ। ଏହାପରେ କଟରରେ ଏଟିଏମ୍‌ର କ୍ୟାଶ୍ ଟ୍ରେ କାଟିସେଥିରୁ ସବୁତକ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଲୁଟ୍ ସମୟରେ ଅନ୍ୟ ଦୁଇ ଲୁଟେରା ଏଟିଏମ୍ ସମ୍ମୁଖ ରାସ୍ତା ଉପରେ ରହି ଅନ୍ୟମାନଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ। ଜଣେ ଅଭିଯୁକ୍ତ କାର୍‌କୁ ଷ୍ଟାର୍ଟରେ ରଖିଥିଲେ। ଟଙ୍କା ଧରି ଏଟିଏମ୍‌ରୁ ବାହାରିବା ପରେ ୬ ଜଣ ଯାକ ଲୁଟେରା ଉକ୍ତ କାର୍‌ରେ ବଲାଙ୍ଗୀର-ସୋନପୁର ବାଟ ଦେଇ ସମ୍ବଲପୁର ଅଭିମୁଖେ ପଳାଇଥିଲେ। ଏହା ପୂର୍ବରୁ ଏହି ଟିମ୍ ବଙ୍ଗୋମୁଣ୍ଡାଠାରେ ଏକ ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସମ୍ବଲପୁର ଯିବା ବାଟରେ ଧମା ନିକଟ ସାହସପୁର ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସେଠାରୁ ସେମାନେ ବରଗଡ ଜିଲା ସୋହେଲା ବାଟଦେଇ ଛତିଶଗଡ ଅଭିମୁଖେ ଯିବାବେଳେ ସୋହେଲା ନିକଟ ଏକ ଢାବାରେ ଅଟକିଥିଲେ। ଏତିକିବେଳେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଓ ଆଇଆଇସି ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଉକ୍ତ ଢାବାରେ ଚଢ଼ାଉ କରି ସେମାନଙ୍କୁ କାବୁ କରି ନେଇଥିଲା। ସ୍ୱତନ୍ତ୍ର ଟିମ୍‌ରେ ବଲାଙ୍ଗୀର ସାଇବର ଥାନା ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ପାଟଣାଗଡ, ଲାଠୋର, ବେଲପଡା ଥାନାର ଇନ୍ସପେକ୍ଟର ଜେ.ଭୋଇ, ସୁଶାନ୍ତ ଦାସ, ହେମନ୍ତ ମାଝି, ଖଗେଶ୍ୱର ମାଝି, ଅଜିତ ମୋହନ ସେଠ୍ ସହଯୋଗ କରିଥିବା ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ। ଏହା ସହିତ ଅଭିଯୁକ୍ତଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଡ କରିବାରେ ମହାରାଷ୍ଟ୍ରର ନାଗପୁର ସିଟି ପୋଲିସ ଡିସିପି ଏସ୍ ମୁମ୍ମାକା ଓ ମଧ୍ୟପ୍ରଦେଶ ସେଓନି ଜିଲା ଡିଏସ୍‌ପି ଅପୂର୍ବ ବଲ୍ଲଭୀ ସହଯୋଗ କରିଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ସମେତ କର୍ନାଟକର ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ। ରିମାଣ୍ଡରେ ଅଭିଯୁକ୍ତମାନଙ୍କୁ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି।



ଗିରଫ ଆନ୍ତଃ ରାଜ୍ୟ ଏଟିଏମ୍ ଲୁଟେରା ଗ୍ୟାଙ୍ଗ ସଦସ୍ୟ ଏବଂ ଜବତ ଟଙ୍କା।

## ସହାୟତା ଯୋଗାଇଲେ ଯୁବଶକ୍ତି ଅଧ୍ୟକ୍ଷ

କାମାକ୍ଷାନଗର,୨୧।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ପଳାଶଡାଙ୍ଗି ଗାଁର ୨ ଭାଇ ଅଜୟ ପଧାନ, ବିଜୟ ପଧାନ ଦୀର୍ଘ ୨ ବର୍ଷ ହେବ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଖବରପାଇ ଯୁବଶକ୍ତର ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ ପହଞ୍ଚି ୨ ଭାଇଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ପଚାରି ବୁଝିବା ସହ ଅଟା, ଚିନି, ସୁଜି, ସିମେଇ, ବିସ୍କୁଟ, ବ୍ରେଡ୍ ଆଦି ରାଶନ ସାମଗ୍ରୀ ଯୋଗାଇ ଦେଇଥିଲେ। ଆଗାମୀଦିନରେ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସମ୍ପୂର୍ଣ୍ଣ ଚିକିତ୍ସା ମାଗଣାରେ ହୋଇପାରିବେ ବୋଲି ଯୁବନେତା ବାରିକ ପରାମର୍ଶ ଦେଇଥିଲେ।



ପଳାଶଡାଙ୍ଗି ଗାଁର ୨ ଭାଇଙ୍କୁ ଭେଟୁଛନ୍ତି ଯୁବଶକ୍ତି ଅଧ୍ୟକ୍ଷ।

## ୧୦୩ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିଳିଇ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଧରଣୀଧର ବାରିକ, ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ସରପଞ୍ଚ ଅଜିତ କୁମାର ସିଂହ, ପ୍ରତିଷ୍ଠାତା ସମ୍ପାଦକ ଶଶାଙ୍କ ଶେଖର ରଥ, କୈଳାସଚନ୍ଦ୍ର ରାଉତ, ଅକ୍ଷୟ କୁମାର ରଥ, ନିରାକାର ପରିଡା, ଆଠମଲ୍ଲିକ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିଚାଳକ ରାଜେଶ ମଣ୍ଡଳ, ଅବସରପ୍ରାପ୍ତ କିରାଣି ବିରଞ୍ଚି ନାରାୟଣ ପୃଷ୍ଟି ଓ ସୁଧାକର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ରକ୍ତଭଣ୍ଡାର କର୍ମଚାରୀ ପରମାନନ୍ଦ ପଣ୍ଡା, ନଳିନୀ ପ୍ରଭା ରାଉତ, ତପନ ଜେନା, ବରୁଣ ସାହୁ, ଅଜୟ ସ୍ୱାଇଁ, ଡା. କମଳାକାନ୍ତ ରାଉତ ଓ ଯୁବ ରେଡକ୍ରସ ସମ୍ପାଦକ ବିରଞ୍ଚି ନାରାୟଣ ପାଣି ଯୋଗ ଦେଇଥିଲେ। ନାଟ୍ୟକାର ଦିନେଶ ଦାସ ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରିଥିଲେ। ରେଡରିବନ କ୍ଲବ କାଉନସିଲର ଅନିଲ କୁମାର ପଣ୍ଡା, ଯୁବ ରେଡକ୍ରସ କାଉନସିଲର କୀର୍ତ୍ତି କୌଶିକ ପଣ୍ଡା ପରିଚାଳନା କରିଥିଲେ। ଅଧ୍ୟାପକ ସୁଜିତ କୁମାର ସାମଲ, ସୁରେନ୍ଦ୍ର ପରିଡା, ଅନିତା ଦାସ, ଶଶଧର ସାହୁ, ଧରଣୀଧର ସେଠୀ, ଡ. ଭାରତୀ ବେହେରା, ପରିମିତା ନାୟକ, ଅନ୍ତର୍ଯ୍ୟାମୀ ବେହେରା, ସୌମ୍ୟରଞ୍ଜନ ଦାସ, ପ୍ରଜ୍ଞା ପାରମିତା, ଶୁଭଶ୍ରୀ ରାଉତ, ପଲ୍ଲିଶ୍ରୀ ମିଶ୍ର, ଅକ୍ଷୟ କୁମାର ସେନାପତି, ରଶ୍ମିତା ବେହେରା, ଅନିମା ଦାସ, ଯାଜ୍ଞସେନୀ ବିଶ୍ୱାଳ, ଗ୍ରନ୍ଥାଗାରିକ କିଶୋରଚନ୍ଦ୍ର ନନ୍ଦ, କିରାଣୀ ସଚ୍ଚିଦାନନ୍ଦ ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ।

## ମାଣବସା ଶେଷ ଗୁରୁବାର ପାଳିତ



ଗଣେଶ ବଜାର ପକ୍ଷରୁ ମାଣବସା ଶେଷ ଗୁରୁବାର ପାଳନ କରାଯାଉଛି।

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ଗଣେଶ ବଜାର ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପାରମ୍ପରିକ ମାଣବସା ଶେଷ ଗୁରୁବାର ସ୍ଥାନୀୟ ମଧୁସୂଦନ ସଭାଗୃହ ପରିସରରେ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପ୍ରାୟ ୩ହଜାର ଶ୍ରଦ୍ଧାଳୁ ଏହି ଅବସରରେ ଅନ୍ନ, ଡାଲମା, ଶାଗ, ଖଟା, ଖିରି ଓ ପୋଡପିଠାର ମଜା ନେଇଥିଲେ। ଗଣେଶ ବଜାର ପୂଜା କମିଟି ଅଧ୍ୟକ୍ଷ ଶେଖ ହୁସେନ, ସଭାପତି ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାଣବସା ଶେଷ ଗୁରୁବାର ଅବସରରେ ଗଣେଶ ବଜାର ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା।

## ପୌରସଂସ୍ଥା ପକ୍ଷରୁ କ୍ରୀଡ଼ା ଉତ୍ସବ

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ା ଉତ୍ସବ ସ୍ଥାନୀୟ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଖେଳ ପଡ଼ିଆରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୪ ତାରିଖ ଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କ୍ରିକେଟରେ ୧୬ଟି ଦଳ ଓ ଫୁଟବଲରେ ୫ଟି ଦଳ ଭାଗ ନେଇଥିଲେ। କ୍ରିକେଟରେ ପୌରାଞ୍ଚଳର ୫ନଂ ୱାର୍ଡରେ ଇମେନ୍‌ସ କ୍ରିକେଟ କ୍ଲବ ଅମଲାପଡା ଚାମ୍ପିୟନ ହୋଇ ଟ୍ରଫି ସହ ନଗଦ ୨୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପାଇଥିଲା। ସେହିପରି ଫୁଟବଲରେ ୯ନଂ ୱାର୍ଡ ମା' ମଙ୍ଗଳା ଫୁଟବଲ କ୍ଲବ ବନମାଳିପ୍ରସାଦ ଚାମ୍ପିୟନ ହୋଇ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ହାସଲ କରିଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର କୁମାର ସାମଲ ଓ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, କୃତୀ ଦଳ ଓ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଉନସିଲର ଅଭିମନ୍ୟୁ ପଣ୍ଡା, ଲିପିକା ଦାସ, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ ଓ ନରୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ପୌରସଂସ୍ଥା ପକ୍ଷରୁ ସରୋଜ କୁମାର ରାଉତ ଓ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



